# Akashvani, Sambalpur

## SAMBALPURI NEWS EVENING BULLETIN

**15 December 2025- 7.02 pm- 7.12 pm.**

*******************************************

୧- ଆୟୁଷ୍ମାନ୍ ଭାରତ୍ ଯୋଜ୍ନାଥି କେନ୍ଦ୍ର ସର୍କାର୍ ୨୦୨୧-୨୨ ନୁ ଇ ଆର୍ଥିକ୍ ବଛର୍ ଲାଗି ୨ ହଜାର୍ ୪ ଶହ ୫୦ କୋଟି ଟଙ୍କା ମଞ୍ଜୁର୍ କରିଥିବା ଲୋକ୍ସଭା ନ ସୂଚ୍ନା ଦେଲେ ବିଭାଗୀୟ ମନ୍ତ୍ରୀ ।

- ଇ ଯୋଜ୍ନାଥି ଓଡ଼ିଶାକେ ମୋଟ୍ ମିଳିଛେ ୨୪ ହଜାର୍ ୫ ଶହ ୩ କୋଟିନୁ ଅଏତ୍କା ଟଙ୍କା ।

୨- ଦେଶର୍ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶପଥ୍ ନେଲେ ରାଜ୍କୁମାର୍ ଗୋୟଲ ।

୩- ସର୍କାରୀ ଆୟୁର୍ବେଦିକ୍ ଆଉ ହୋମିଓପାଥି କଲେଜ୍ର ସ୍ନାତକୋତର ଛାତ୍ରଛାତ୍ରୀମାନ୍କର୍ ଷ୍ଟାଇପେଣ୍ଡ୍ ବଢ଼ାଲେ ରାଜ୍ୟ ସର୍କାର୍ ।

୪- ପୁରୀ ଶ୍ରୀମନ୍ଦିର୍ ମେଘନାଦ ପାଚ୍ରୀ ସମସ୍ୟାକେ ନେଇକରି ଆଏବା କାଏଲ୍ ବସ୍ବା ବୈଠକ୍ ।

ଆଉର୍

୫- କଲାହାଣ୍ଡି ନ ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଲାନ୍ୟାସ୍ କଲେ ପଂଚାୟତିରାଜ୍ ଆଉ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ।

ନୂଆଁ ମେଡ଼ିକାଲ୍ କଲେଜ୍ ଥାପ୍ନା ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ଆୟୁଷ୍ମାନ୍ ଭାରତ୍ ଯୋଜ୍ନାଥି କେନ୍ଦ୍ର ସର୍କାର୍ ଓଡ଼ିଶା ଲାଗି ୨୦୨୧-୨୨ ନୁ ଚଲ୍ତି ଆର୍ଥିକ୍ ବଛର୍ ଲାଗି ୨ ହଜାର୍ ୪ ଶହ ୫୦ କୋଟି ୩୯ ଲାଖ୍ ଟଙ୍କା ମଞ୍ଜୁର୍ କରିଛନ୍ । ରାଜ୍ୟ ଲାଗି ଇ ଯୋଜ୍ନାଥି ମୋଟ୍ ୨୪ ହଜାର୍ ୫ ଶହ ୩ କୋଟି ୪୯ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍, ସ୍ୱାସ୍ଥ୍ୟକେନ୍ଦ୍ର ସବୁର ନିର୍ମାଣ୍ ଲାଗି ଇ ଟଙ୍କା ଖର୍ଚ୍ଚା ହେବା ବଲି ଲୋକ୍ସଭା ନ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଦବ୍ କହିଛନ୍ । ସାଂସଦ୍ ସୁକାନ୍ତ ପାଣିଗ୍ରାହୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ଥି କେନ୍ଦ୍ରମନ୍ତ୍ରୀ କହିଛନ୍, ଓଡ଼ିଶା ନ ପ୍ରଧାନ୍ମନ୍ତ୍ରୀ ଆୟୁଷ୍ମାନ୍ ଭାରତ୍ ସ୍ୱାସ୍ଥ୍ୟ ଭିତିଭୂମି ମିଶନ୍ଥି ଭିନ୍ ଭିନ୍ ସ୍ୱାସ୍ଥ୍ୟ ସୁବିଧା ମଞ୍ଜୁର୍ କରାଯାଇଛେ । ଇତାର୍ଛଡ଼ା ଓଡ଼ିଶାର୍ ବ୍ରହ୍ମପୁର୍ ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ୍, ସମ୍ବଲ୍ପୁର୍ ବୁର୍ଲାର ଭିଏସ୍ଏସ୍ ମେଡ଼ିକାଲ୍ କଲେଜ୍ ଆଉ କଟକ୍ ସର୍କାରୀ ମେଡ଼ିକାଲ୍ କଲେଜ୍ର ଉନ୍ନତିକରଣ୍ ଲାଗି ଭିଲ୍ ଅନୁମୋଦନ୍ ମିଲିଛେ । ରାଜ୍ୟର୍ ବଲାଙ୍ଗିର୍,

କଲାହାଣ୍ଡି, ବାଲେଶ୍ୱର୍, ବାରିପଦା, କୋରାପୁଟ୍, ପୁରୀ ଆଉ ଯାଜ୍‌ପୁର୍ ନ ନୂଆଁ ମେଡ଼ିକାଲ୍ କଲେଜ୍ ଥାପ୍‌ନା ଲାଗି ମଞ୍ଜୁରୀ ମିଲିଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ବିକଶିତ୍ ଭାରତ୍ ଶିକ୍ଷା ଅଧିଷ୍ଠାନ୍ ବିଲ          ଏନ୍‌ଏସ୍‌ଡି

ଲୋକ୍‌ସଭା ନ ଉପସ୍ଥାପିତ୍ ହେଇଥିବା ବିକଶିତ୍ ଭାରତ୍ ଶିକ୍ଷା ଅଧିଷ୍ଠାନ୍ ବିଲ୍ -୨୦୨୫ କେ ଅଏତ୍‌କା ଯାଂଚ୍ ଲାଗି ସଂସଦ୍‌ର ଯୁଗ୍ମ କମିଟି ନିକେ ପଠାଯାଇଛେ । ଇ ବିଲ୍ ବିଶ୍ୱବିଦ୍ୟାଲୟ ଆଉ ଅଲ୍‌ଗା ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ଶିକ୍ଷାଦାନ୍ ଗବେଷଣା ଆଉ ନବସୃଜନ୍‌ଥି ଉତ୍କର୍ଷତା ହାସଲ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବିଲ୍‌କେ ଆଗତ୍ କଲା ବେଲେ ବିରୋଧୀ ଦଲ୍‌ମାନେ ଇତାକେ ବିରୋଧ୍ କରିଥିଲେ । ତାର୍ ଉତ୍‌ରୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ବିସ୍ତୃତ୍ ପରାମର୍ଶ ଲାଗି ବିଲ୍‌କେ ସଂସଦ୍‌ର ଯୁଗ୍ମ କମିଟି ନିକେ ପଠାବାର୍‌ଟା ସର୍‌କାର୍‌ଙ୍କର୍ ନିଷ୍ପତି ଆଏ । ଇ ବିଲ୍ ଉଚ୍ଚଶିକ୍ଷା କ୍ଷେତ୍ରଥି ଆତ୍ମନିର୍ଭରତା ସୃଷ୍ଟି କର୍‌ବାର୍ ସହେତେ ଯୁବ ଶକ୍ତିକେ ସଶକ୍ତ କର୍‌ବା ବଲି ଆଶ୍ କରାଯାଉଛେ ।

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ ଶ୍ରଦ୍ଧାଞ୍ଜଳି          ଏକ୍ସ

ଲୌହମାନବ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ୭୫ ତମ ପୁଣ୍ୟତିଥି ଅବ୍‌ସରେ ଆଏଜ୍ ସାରା ଦେଶେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର୍ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ ଦେଶ୍‌ବାସୀଙ୍କର୍ ଭିତ୍‌ରେ ରାଷ୍ଟ୍ରୀୟ ଏକତାର୍ ଭାବ୍‌ନାକେ ଉଜାଗର୍ କରିଥିଲେ । ସେ ବିକଶିତ୍ ଭାରତ୍ ଲାଗି ଶକ୍ତିର ଆଧାର୍ ହେବାର୍ ସହେତେ ରାଷ୍ଟ୍ର ନିର୍ମାଣ୍‌ଥି ତାଙ୍କର୍ ଭୂମିକା ସଶକ୍ତ ଆଉ ସମର୍ଥ ଭାରତ୍ ଲାଗି ରାହା ଦେଖାବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି ଉଲ୍ଲେଖ୍ କରିକରି କହିଛନ୍, ସ୍ୱାଧୀନତା ଉତ୍‌ରୁ ସର୍ଦ୍ଦାର୍ ପଟେଲ୍‌ଙ୍କର୍ ଦୃଢ଼ତା ଆଉ ଦୂରଦର୍ଶିତା ସହେତେ ବହୁତ୍‌ଟେ ଦେଶୀୟ ରାଜ୍ୟକେ ଭାରତ୍ ସାଙ୍ଗେ ମିଶେଇକରି ଗୁଟେ ବର୍‌କସ୍ ରାଷ୍ଟ୍ରର୍ ଭିତି ଥାପ୍‌ନା ହେଇଥିଲା । ଇଟା ଦେଶର୍ ଇତିହାସ୍‌ଥି ସବୁବେଲେ ସୋର୍ ରହେବା । ତାଙ୍କର୍ ଆଦର୍ଶ ସବୁବେଲେ ରାଷ୍ଟ୍ରସେବା ଆଉ କର୍ତବ୍ୟ ନିଷ୍ଠାର ରାହାଥି ଆଗ୍‌କେ ଯିବାର୍ ଲାଗି ଲୁକ୍‌କୁ ଶିଖାବା ବଲି ଶ୍ରୀ ମାଝୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ତାଙ୍କର୍ ଆଦର୍ଶ ଜୀବନ୍ ଆଏଜ୍ ଭିଲ୍ ସମ୍‌କୁ ସାହସ୍ ସଂକଳ୍ପ ଆଉ ରାଷ୍ଟ୍ରହିତକେ ସବୁନୁ ଉପ୍‌ରେ ରଖିବାର୍ ଲାଗି ପ୍ରେରଣା ଦେବା ବଲି କହିଛନ୍ ।

ଷ୍ଟାଇପେଣ୍ଡ୍ ବୃଦ୍ଧି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ଭିନ୍ ଭିନ୍ ସର୍‌କାରୀ ଆୟୁର୍ବେଦିକ୍ ଆଉ ହୋମିଓପାଥିକ୍ କଲେଜ୍‌ର ସ୍ନାତକୋତର୍ ଛାତ୍ରଛାତ୍ରୀମାନ୍‌କୁ ମିଲୁଥିବା ଷ୍ଟାଇପେଣ୍ଡ୍‌କେ ବଢ଼େଇଛନ୍ । ଇଥିର୍‌ଲାଗି ଶହେ ୨୦ ଝନ୍ ଛାତ୍ରଛାତ୍ରୀ ଲାଭ୍ ପାଏବେ । ଇନ ନୂଆଁ ଷ୍ଟାଇପେଣ୍ଡ୍ ବ୍ୟବସ୍ଥା ଆଏବା ମାସ ୧ ତାରିଖ୍‌ନୁ ଲାଗୁ ହେବା । ସର୍‌କାର୍‌ଙ୍କର୍ ନିଷ୍ପତି ଅନ୍‌ସାରେ ସ୍ନାତକୋତର ପହେଲା ବଛ୍‌ରେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଷ୍ଟାଇପେଣ୍ଡ୍‌କେ ୫୫ ପ୍ରତିଶତ୍ ବଢ଼ାଯିବାର୍ ଉତ୍‌ରୁ ଇହାଦେ ସେଟା ୩୧ ହଜାର୍‌ନୁ ବଢ଼ିକରି ୪୮ ହଜାର୍ ଟଙ୍କା ହେଇଛେ । ୨ ନମ୍ବର୍ ବଛର୍ ଛାତ୍ରଛାତ୍ରୀମାନ୍‌କର୍ ଷ୍ଟାଇପେଣ୍ଡ୍ ୬୨ ପ୍ରତିଶତ୍ ବଢ଼୍‌ବାର୍ ଉତ୍‌ରୁ ୩୩ ହଜାର୍‌ନୁ ୫୫ ହଜାର୍ ଟଙ୍କା ହେଇଛେ । ହାଉସ୍ ସର୍ଜନ୍ ମାନ୍‌କର୍ ଷ୍ଟାଇପେଣ୍ଡ୍ ୧୭ ହଜାର୍‌ନୁ ୩୦ ହଜାର୍ ଟଙ୍କା କରାଯାଇଛେ । ଇଟା ପିଛ୍‌ଲା ଭାବେ ଇ ବଛର୍ ଅଗଷ୍ଟ ପହେଲାନୁ ଲାଗୁ ହେବା ।

ସିଆଇସି ଶପଥ୍ ଏନ୍‌ଏସ୍‌ଡି

ରାଜ୍‌କୁମାର୍ ଗୋୟଲ୍ ଦେଶର୍ ନୂଆଁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଆଏଜ୍ ଶପଥ୍ ଗ୍ରହଣ୍ କରିଛନ୍ । ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ୩ ଝନିଆ କମିଟି ୧୯୯୦ ବେଚ୍‌ର ଆଘର୍ ଭାରତୀୟ ପ୍ରଶାସନିକ୍ ସେବା ଅଧିକାରୀ ଶ୍ରୀ ଗୋୟଲ୍‌ଙ୍କର୍ ନାଁ ଇ ପଦ୍‌ବୀ ଲାଗି ସୁପାରିଶ୍ କରିଥିଲେ । ଶ୍ରୀ ଗୋୟଲ୍ ଗଲା ଅଗଷ୍ଟ ୩୧ ତାରିଖ୍‌ଥି କେନ୍ଦ୍ର ନ୍ୟାୟ ବିଭାଗ୍‌ନୁ ଅବସର୍ ନେଇଥିଲେ । ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଆଉ କେନ୍ଦ୍ରମନ୍ତ୍ରୀ ମାନେ ଉପସ୍ଥିତ୍ ଥିଲେ ।

ମେଘନାଦ୍ ପାଚ୍‌ରୀ ମରାମତି ହି.ସ.

ପୁରୀ ଶ୍ରୀମନ୍ଦିର୍ ମେଘନାଦ ପାଚେରୀ ସମସ୍ୟାକେ ନେଇକରି ଆଏବା କାଏଲ୍ ଗୁଟେ ବୈଠକ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ କହିଛନ୍, ପାଚ୍‌ରୀର ସଂରକ୍ଷଣ୍ ଆଉ ମରାମତି ଲାଗି ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯିବା । ମେଘନାଦ ପାଚ୍‌ରୀର୍ ଫାଟିଥିବା ଜାଗା ମାନ୍‌କେ ଅନୁଧ୍ୟାନ୍ କରିକରି ଆଘୋନୁ ମରାମତି କରାଯାଇଥିଲା । ଫେର୍‌ଥରେ

ନିରୀକ୍ଷଣ୍ କର୍ବାର୍ ଉତ୍ରୁ ସେସବୁକେ ମରାମତି କର୍ବାର୍ ଲାଗି ସର୍କାର୍ ଯୋଜ୍ନା କରିଛନ୍ ବଲି ସେ କହିଛନ୍ । ପାଚ୍ରୀର୍ ସଂରକ୍ଷଣ୍ କାମ୍ କରାଯିବା ଆଉ ସେଥି ପଥର୍ ବଦ୍ଲା ନାଇଁ ଯାଏ । ଇ ବାବ୍ଦେ ଏଏସ୍ଆଇକେ ଚିଠି ଲେଖାଯାଇଛେ ବଲି ମନ୍ତ୍ରୀ ସୂଚ୍ନା ଦେଇଛନ୍ ।

ଗ୍ଲୋବଲ୍ ଭିଜା ଆପ୍ଲିକେସନ୍ ସେଂଟର୍    ଭୁବ୍ନେଶ୍ୱର୍

ସମ୍ବାଦଦାତା

ରାଜ୍ୟ ସର୍କାର୍ ଭୁବ୍ନେଶ୍ୱର୍ ନ ବୈଶ୍ୱିକ ଭିଜା ଆବେଦନ୍ କେନ୍ଦ୍ର ପ୍ରତିଷ୍ଠା ଲାଗି ଅନୁମୋଦନ୍ କରିଛନ୍ । ଇ ପ୍ରସ୍ତାବିତ୍ ଭିଜା କେନ୍ଦ୍ର ଭୁବ୍ନେଶ୍ୱର୍ ବର୍ମୁଣ୍ଡା ନ ଥିବା ବାବା ସାହେବ୍ ଆମ୍ବେଦ୍କର୍ ବସ୍ ଟର୍ମିନାଲ୍ କୋଠା ନ କାମ୍ କର୍ବା । ସୂଚ୍ନା ଅନ୍ସାରେ ଆଗ୍ରୁ ଆନ୍ତର୍ଜାତିକ୍ ଭିଜା ପାଏବାର୍ ଲାଗି ରାଜ୍ୟବାସୀଙ୍କୁ କୋଲ୍କାତା, ଦିଲ୍ଲୀ, ହାଇଦ୍ରାବାଦ୍ ବାଗିର୍ ସହର୍ ମାନ୍କେ ଯିବାର୍କେ ପଡୁଥିଲା । ଭୁବ୍ନେଶ୍ୱର୍ ନ ଇ କେନ୍ଦ୍ର ଥାପ୍ନା ଲାଗି ବହୁତ୍ ଦିନୁ ଦାବି ହେଇଆସୁଥିଲା । ଇସବୁକେ ନଜର୍ଥି ରଖିକରି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ନିଷ୍ପତି ନିଆଯାଇଛେ ।

ଇଣ୍ଡୋକ୍ରିପ୍ଟ୍           ଆର୍ଏନ୍ୟୁ/ କଟକ୍

ଭୁବନେଶ୍ୱର୍ ନ ଥିବା ଅନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ୍ ଆଇଆଇଆଇଟି ଠାନେ ୪ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ - ଇଣ୍ଡୋକ୍ରିପ୍ଟ୍ ର ଶୁଭାରମ୍ଭ ହେଇଛେ । ଇ ଅବ୍‌ସରେ ଯୋଗ୍ ଦେଇକରି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଡିଜିଟାଲ୍ ସୁଶାସନ୍, ନ୍ୟାୟିକ ଢାଂଚା, ଦକ୍ଷତା ବିକାଶ୍ କ୍ଷେତ୍ରଥି କ୍ରିପ୍ଟୋଗ୍ରାଫି ଆଉ ସୂଚନା ସୁରକ୍ଷା ର ମହତ୍ୱ ବାବ୍‌ଦେ କହିଛନ୍ । ସମ୍ମିଳନୀଥି ପୁର୍‌ଥି ଆଉ ଦେଶର୍ ଭିନ୍ ଭିନ୍ ଜାଗାନୁ ବହୁତ୍ ଶିକ୍ଷାବିତ୍, ଗବେଷକ ନୀତି ନିର୍ଦ୍ଦେଶକ୍‌ମାନେ ଯୋଗ୍ ଦେଇଛନ୍ ।

ପଂଚାୟତିରାଜ- କଲାହାଣ୍ଡି           କଲାହାଣ୍ଡି ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରୟଣ୍ ନାଏକ୍ ଆଏଜ୍ କଲାହାଣ୍ଡି ଗସ୍ତଥି ଆସିକରି ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କରିଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍ ଧର୍ମଗଡ୍, କୋକ୍‌ସରା, କଲମ୍‌ପୁର, ଜୟପାଟଣା, ଜୁନାଗଡ୍ ବ୍ଲକ୍ ଲାଗି ୩୨ କୋଟି ୯୨ ଲାଖ୍ ଟଙ୍କା ଖର୍ଚ୍ଚାଥି ଶହେ ୭୨ ଟା ପ୍ରକଳ୍ପର୍ ଲୋକାର୍ପଣ୍ କରିଛନ୍ । ଇତାର୍‌ସହେତେ ୨ ଶହ ୪୭ କୋଟି ୪୫ ଲାଖ୍ ଟଙ୍କାର୍ ୨ ଶହ ୬୯ ଟା ନୂଆଁ ପ୍ରକଳ୍ପର୍

ଶିଲାନ୍ୟାସ୍ କରାଯାଇଛେ । ଇ ଅବ୍ସରେ କୋକ୍ସରା ଠାନେ ହେଇଥିବା ଗୁଟେ ଜନସମାବେଶ୍‌କେ ମନ୍ତ୍ରୀ ସମ୍ବୋଧନ୍ କରିଛନ୍ । ଉପର୍‌ବେଲା ମନ୍ତ୍ରୀ ଶ୍ରୀ ନାଏକ୍ ଗୋଲ୍‌ମୁଣ୍ଡା ବ୍ଲକ୍ ଗସ୍ତ କରିକରି ସେଠାନେ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ ପ୍ରକଳ୍ପ ର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଥିଲେ ।

ଧନୁସଂକ୍ରାନ୍ତି- ପୁରୀ        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ପବିତ୍ର ଧନୁସଂକ୍ରାନ୍ତି ଅବ୍ସରେ ମାହାପୁରୁମାନ୍‌କର୍ ପହିଲି ଭୋଗ ନୀତି ମୁଲ୍ ହେବା । ପରମ୍ପରା ଅନ୍‌ସାରେ ମା ଲକ୍ଷ୍ମୀ ମାସେ ଲାଗି ମା' ଘର୍‌କେ ଯାଇଥିବାର୍‌ନୁ ଇ ସମିଆଥି ମା' ଯଶୋଦା ମାହାପୁରୁମାନ୍‌କର୍ ଲାଗି ସୁସ୍ୱାଦୁ ଖାଏବାର୍ ଦରବ୍ ତିଆର୍ କର୍‌ସନ୍ । ପହିଲି ଭୋଗ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍‌ର ନୀତି ନିର୍ଘଂଟ ଅନ୍‌ସାରେ ରାତିର୍ ୨ ବଜେ ଦ୍ୱାରଫିଂଟା ନୀତି ଉତ୍‌ରୁ ମଙ୍ଗଳଆଲ୍‌ତୀ, ମଇଲମ, ଅବକାଶ ନୀତି ଉତ୍‌ରୁ ପହିଲି ଭୋଗ ନୀତି ମୁଲ୍ ହେବା । ଇ ଅବ୍ସରେ ମାହାପୁରୁମାନ୍‌କୁ ଧନୁମୁଆଁ ଭୋଗ ଲଗାବାର୍ ପରମ୍ପରା ରହିଛେ ।

ଲେଫ୍ଟନେଂଟ୍ ହର୍ସିତ୍ ଦେଓ- ରାଜ୍ୟପାଲ୍ ଏଡିସି ନିଯୁକ୍ତ   I&PR

ନୌସେନା ଅଧିକାରୀ ଲେଫ୍ଟନେଂଟ୍ ହର୍ସିତ୍ ଦେଓ ଆଏଜ୍ ଓଡ଼ିଶା ରାଜ୍ୟପାଲ୍ଙ୍କର୍ ଏଡିସି ଭାବେ ନିଯୁକ୍ତ ହେଇଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଥିବା ଆନୁଷ୍ଠାନିକ୍ ନିଯୁକ୍ତି ଉତ୍ସବ୍ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ହର୍ସିତ୍ ଦେଓଙ୍କୁ ଇ ସମ୍ମାନ୍ଜନକ୍ ପଦ୍ବୀ ପ୍ରଦାନ୍ କରିଛନ୍ । ଆଇଏନ୍ଏସ୍ ଆଦିତ୍ୟ ଥି ୱାଚ୍ କପିଂ ଅଫିସର୍ ଭାବେ କାମ୍ କରିଥିବା ଲେଫ୍ଟନେଂଟ୍ ଦେଓ ଇ ନୂଆଁ ଦାୟିତ୍ୱଥି ଯୋଗ୍ ଦେଇଛନ୍ ।

ମିଳିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ସୁବର୍ଣ୍ଣପୁର/ବର୍ଗଡ଼୍/ବୌଦ୍ଧ/ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ ।

ସମ୍ବଲ୍ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍ଥି ୩୯ଟା ଅଭିଯୋଗ୍ ଆସିଥିଲା । ୨ ଝନ୍କୁ ରେଡ଼କ୍ରସ୍ ପାଣ୍ଠିନୁ ୨୦ ହଜାର୍ ଟଙ୍କା ସାହାଜ୍ ଯୁଗେଇ ଦିଆଯାଇଛେ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍ଥି ୯୨ ଟା

ଅଭିଯୋଗ୍ ଆସିଥିବାର୍ ବେଲେ ୨୭ ଟା ଅଭିଯୋଗ୍‌ର ତୁର୍ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଳେଇବଣି ବ୍ଲକ୍ ଢୋଲ୍‌ପଡ଼ା ପଂଚାୟତ୍ ସମିତି ସମ୍ମିଲନୀ କକ୍ଷ ନ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୬୦ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଶିଶୁ ଅଧିକାର୍ ସୁରକ୍ଷା ଆୟୋଗ୍ ଅଧ୍ୟକ୍ଷା/ସମ୍ବଲ୍‌ପୁର୍ ସମ୍ବାଦଦାତା

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର୍ ସୁରକ୍ଷା ଆୟୋଗ୍‌ର ଅଧ୍ୟକ୍ଷା ବବିତା ପାତ୍ର ଦିନ୍‌କିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିଛନ୍ । ଆଏଜ୍ ସଖାଲ୍‌ବେଲା ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ବିନାଖଁଡ଼ି ନ ଗୁଟେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପାତ୍ର ଛୁଆମାନ୍‌କର୍ ସୁରକ୍ଷା ମାନସିକ ସ୍ୱାସ୍ଥ୍ୟ ସହାୟତା ଆଉ ଛୁଆମାନ୍‌କର୍ ବିରୋଧିଥି ହେଉଥିବା ଅପରାଧ୍‌କେ ରୁକ୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଯୋଜ୍ନା    ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ସର୍କାର୍ଙ୍କ ତର୍ଫୁ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଯୋଜ୍ନାଥି ନୂଆପଡ଼ା ଜିଲ୍ଲା ନୁ ଆଏଜ୍ ୭୪ ଝନ୍ ଯାତ୍ରୀ ରାମେଶ୍ୱରମ୍ ଯାତ୍ରା କରିଛନ୍ । ଜିଲ୍ଲାର୍ ଭିନ୍ ଭିନ୍ ଜାଗାନୁ ବଛା ହେଇକରି ଆସିଥିବା ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ୍ କାର୍ଯ୍ୟାଲୟ ନ ପୁହୁଁଚିବାର୍ ଉତ୍ରୁ ଡାକ୍ତର୍ମାନ୍କର୍ ଦ୍ୱାରା ସେମାନ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇକରି ଜରୁରୀ ଉଷୋକଷା ଦିଆଯାଇଥିଲା ।

ପାଣିପାଗ    ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ପର୍ଶ୍ଚିମ ଦିଗୁ ରାଜ୍ୟକେ ଶୁଖା ଥଣ୍ଡା ପବନ୍ ଆସୁଥିବାର୍ନୁ ଜବର୍ ଶୀତ୍ ହେଉଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୬ /୭ ଦିନ୍ତକ୍ ପାଗ୍ଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ । ଆଏବା ୨୪ ଘଂଟା ଭିତ୍ରେ କଲାହାଣ୍ଡି, ସୁନ୍ଦର୍ଗଡ୍, କନ୍ଧମାଲ୍ ଆର୍ କୋରାପୁଟ୍ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।